ଧରିତ୍ରୀ
DHARITRI
ରବିବାର, ୧୯ ଜୁନ୍, ୨୦୨୨



## ଶେରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

**ଶେରଗଡ଼,୧୭।୬(ଡି.ଏନ.ଏ.):** ଶେରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ଦିନ ହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇଥିବା ବେଳେ ଏଯାବତ ଜଣେ ଡାକ୍ତର ରହିଥିବା ଦେଖିବାକୁ ମିଳୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱରେ ଡ. ଶାନୁ ଦେବୀ ଥିବା ବେଳେ ଅନ୍ୟ କେତେଜଣ ଅଛନ୍ତି, ତାହା ଲୋକେ ଜାଣି ନାହାଁନ୍ତି। ଜରୁରୀକାଳୀନ ବିଭାଗରେ ଅଧିକାଂଶ ସମୟରେ ଜଣେ ଡାକ୍ତର ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ୧୨ଘଣ୍ଟା ସରିଗଲା ପରେ ଆଉଜଣେ ଡାକ୍ତର ଆସୁଛନ୍ତି। ଏହା ଦ୍ୱାରା ରୋଗୀ ସେବାରେ ବହୁ ଅସୁବିଧା ହେଉଥିବାରୁ ଏଠାରେ ତୁରନ୍ତ ଡାକ୍ତର ନିଯୁକ୍ତି କରିବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହେଉଛି।

## ସଂକ୍ଷେପରେ

### ଗରିବଙ୍କୁ ଜେଲ ଯନ୍ତ୍ରଣା
### ଜାମିନ ପାଇବି ଶଢ଼ୁଛନ୍ତି ୬ ବନ୍ଦୀ

**ବ୍ରହ୍ମପୁର ଅଫିସ,୧୮।୬:** ଜାମିନଦାର ଏବଂ ସିକ୍ୟୁରିଟି ଜମା ଦାଖଲ କରିପାରୁ ନ ଥିବାରୁ ଜାମିନ ପାଇ ବି ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକୁଳି ପାରୁନାହାନ୍ତି ୬ ବନ୍ଦୀ। ସେହି ବିଚାରାଧୀନ ବନ୍ଦୀମାନେ ଜେଲରୁ ମୁକୁଳିବା ଅପେକ୍ଷାରେ ସେଠାରେ ପଡ଼ି ରହିଛନ୍ତି। ଅଦାଲତର ସର୍ତ୍ତ ଅନୁଯାୟୀ ଆର୍ଥିକ ଦୁର୍ବଳ ବର୍ଗର ଏହି ବନ୍ଦୀମାନେ ଜାମିନଦାର ଏବଂ ସିକ୍ୟୁରିଟି ଜମା ଅର୍ଥ ଯୋଗାଡ଼ କରିପାରୁ ନାହାନ୍ତି। ଫଳରେ ସେମାନଙ୍କ ମୁକୁଳିବା ବାଟ ବନ୍ଦ ହୋଇ ରହିଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜୁନ ୧୮ ସୁଦ୍ଧା ୧୦୨୭ ବନ୍ଦୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୮୫୮ ବିଚାରାଧୀନ ବନ୍ଦୀ ଭାବେ(ୟୁଟିପି) ଥିବା ବେଳେ ୧୬୯ କଏଦୀ ରହିଛନ୍ତି। ସେହିପରି ଏମାନଙ୍କ ମଧ୍ୟରୁ ୨୧ ମହିଳା ରହିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ କଏଦୀ ଥିବା ବେଳେ ୧୬ୟୁଟିପି ରହିଛନ୍ତି ବୋଲି ଜେଲର ସତ୍ୟ ନାରାୟଣ ବେହେରା ସୂଚନା ଦେଇଛନ୍ତି। ବ୍ରହ୍ମପୁର ମଣ୍ଡଳ କାରାଗାର ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଜେଲ ଅଟେ। ଏହା ୧୮୬୩ ରେ ପ୍ରତିଷ୍ଠା ହୋଇଥିଲା। ଏହି ଜେଲରେ ୮୪୧ ବନ୍ଦୀ ରହିବା ପାଇଁ କ୍ଷମତା ଥିବା ବେଳେ ବର୍ତ୍ତମାନ ୧୦୨୭ ବନ୍ଦୀ ଅଛନ୍ତି। ଯାହାକି ନିର୍ଦ୍ଧାରିତ କ୍ଷମତା ଠାରୁ ଶତକଡ଼ା ୨୬ ପ୍ରତିଶତ ଅଧିକ ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

### ଘର କିଣା ନାଁରେ ୧୬ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୧୮।୬:** ଜନୈକା ବୃଦ୍ଧା ଘର କିଣିବା ନାଁରେ ୧୬ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଟଙ୍କା ନେବା ପରେ ସେହି ଘରକୁ ଅନ୍ୟ ଜଣଙ୍କୁ ବିକିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି। ପୋଲିସ ନଂ ୨୫୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, କୃଷ୍ଣଚନ୍ଦ୍ରନଗରଡିହ ଗ୍ରାମର ବୃଦ୍ଧା ସଂଯୁକ୍ତା ଶତପଥୀ ଆଜକୁ ୩ ବର୍ଷ ତଳେ ଶକ୍ତିନଗର ଅଞ୍ଚଳରେ ଏକ ଘର ୪୨ ଲକ୍ଷ ଟଙ୍କାରେ କିଣିବେ ବୋଲି ସ୍ଥିର ହୋଇଥିଲା। ସେହିକ୍ରମରେ ସଂଯୁକ୍ତା ଓ ତାଙ୍କ ସ୍ୱାମୀ ବିଭିନ୍ନ କିସ୍ତିରେ ଅଭିଯୁକ୍ତଙ୍କୁ ୧୬ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବାର ଅନେକ ଦିନ ପରେ ମଧ୍ୟ ଅଭିଯୁକ୍ତ ଘର ବିକିବା ଦିଗରେ ସମ୍ମତି ଜଣାଇନଥିଲେ। ଏପରିକି ସେହି ଘରକୁ ଅନ୍ୟ ଜଣେ ଲୋକଙ୍କୁ ବିକିବା ପାଇଁ ଯୋଜନା କରିଥିବା ସଂଯୁକ୍ତା ଜାଣିବାକୁ ପାଇଥିଲେ। ଏ ନେଇ ସଂଯୁକ୍ତା ଅଭିଯୁକ୍ତଙ୍କ ପଚାରିବାରେ ସେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ବାରମ୍ବାର ଧମକର ଶିକାର ହେବା ପରେ ସଂଯୁକ୍ତା ସଦର ଥାନାରେ ଅଭିଯୋଗ କରିଛନ୍ତି।

# ବ୍ରହ୍ମପୁରରେ ଅଗ୍ନିପଥକୁ ବିରୋଧ ଓ ପ୍ରତିବାଦ

**ବ୍ରହ୍ମପୁର ଅଫିସ,୧୮।୬**



କମାପଲୀ ଛକଠାରେ କରାଯାଉଥିବା ବିକ୍ଷୋଭ।

କେନ୍ଦ୍ର ପ୍ରତିରକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିବା ଅଗ୍ନିପଥ ଯୋଜନାକୁ ନେଇ ବିରୋଧ ଓ ପ୍ରତିବାଦ ଜାରି ରହିଛି। ଏହି ମର୍ମରେ ଶନିବାର ବ୍ରହ୍ମପୁରରେ ବିଭିନ୍ନ ଛାତ୍ର, ଯୁବ ସଂଗଠନ ସମେତ ଆର୍ମିରେ ନିଯୁକ୍ତି ନିମନ୍ତେ ପ୍ରସ୍ତୁତି ହେଉଥିବା କେତେକ ଯୁବ ପିଢିଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ସଂଗଠନଗୁଡିକ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶନିବାର ପୂର୍ବାହ୍ନରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ କିଛି ଯୁବ ପିଢିଙ୍କ ପକ୍ଷରୁ ଅଗ୍ନିପଥ ବିରୋଧରେ ବିକ୍ଷୋଭ ନିମନ୍ତେ ଯୋଜନା ରହିଥିବା ବେଳେ ଆଗୁଆ ସୂଚନା ପାଇ ଖେଳ ପଡିଆ ସମ୍ମୁଖରେ ପୋଲିସ ଛାଉଣୀ ଦେଖିବାକୁ ମିଳିଥିଲା। ପଡିଆ ଫାଟକ ବନ୍ଦ କରିଦିଆ ଯାଇଥିଲା। ଯାହାଦ୍ୱାରା ବିକ୍ଷୋଭ ଯୋଜନା ଭଣ୍ଡୁର ହୋଇଥିଲା। କିନ୍ତୁ ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଲ ଇଣ୍ଡିଆ ଡିଏସ୍ଓ ଓ ଏଆଇଡିୱାଇଓ ପକ୍ଷରୁ କମାପଲୀ ଛକଠାରେ ବିକ୍ଷୋଭ କରାଯାଇଥିଲା। ସଂଗଠନ ଗୁଡିକ ପକ୍ଷରୁ କୁହାଯାଇଛି, ଅଗ୍ନିପଥ ଯୋଜନା ମାଧ୍ୟମରେ ସୈନିକମାନଙ୍କୁ ୪ ବର୍ଷ ପାଇଁ ନିଯୁକ୍ତି ଦିଆଯିବ। ଏହାପରେ ସେମାନଙ୍କୁ ଚାକିରୀରୁ ବାହାର କରିଦିଆଯିବ। କିନ୍ତୁ ଚାକିରୀରୁ ଅବ୍ୟାହତି ପରେ ସୈନିକମାନଙ୍କୁ ପେନସନ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ନାହିଁ। ଏହି ଯୋଜନା ଯୁବ ବିରୋଧୀ ନୀତି ବୋଲି ଅଭିଯୋଗ ହୋଇଛି। ଗତ ୨ ବର୍ଷ ଧରି କରୋନା ମହାମାରୀରୁ ସରକାରୀ ଚାକିରୀ ମିଳୁ ନ ଥିଲା। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହେବା ପରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଯୁବକମାନେ ଆଶା ରଖିଥିଲେ। କିନ୍ତୁ ଏଭଳି ସ୍ଥିତିରେ

### ଆରଡିସିଙ୍କୁ ଦାବିପତ୍ର

ଏପରି ଯୋଜନା ବଜ୍ରପାତଠାରୁ କମ୍ ନୁହେଁ ବୋଲି ସଂଘ କହିଛି। ଏଣୁ ଏହା ପ୍ରତ୍ୟାହାର ସହ ସମସ୍ତ ସରକାରୀ ଅନୁଷ୍ଠାନରେ ସ୍ଥାୟୀ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ପ୍ରତିବାଦରେ ଅଲ ଇଣ୍ଡିଆ ଡିଏସ୍ଓ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଅଲ ଇଣ୍ଡିଆ ଡିୱାଇଓ ଗଞ୍ଜାମ ଜିଲା ସଂଗଠନ ମଧୁସୂଦନ ଦାଶଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିଭଳି ଏଆଇୱାଇଏଫ ପକ୍ଷରୁ ରାଲି ସହ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ସମ୍ପାଦକ କାମଦେବ ନାହାକଙ୍କ ସମେତ ମହେନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ଜେନା, ଶ୍ରୀଧର ସାହୁ, ଦୀପକ ଗୌଡ, ଇଜୁ ଅମୀର ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲା ବନ୍ଦ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୧୮।୬**

ସହର ଓ ସହରତଳି ଅଞ୍ଚଳରେ ଚୋରି ଏବେ ନିତିଦିନିଆ ଘଟଣା ହୋଇଗଲାଣି। ଏହି ଧାରାରେ ଲୁଟିଆ ଗ୍ୟାଙ୍ଗ ଦିନବେଳା ଏକ ତାଲାବନ୍ଦ ଘରେ କଳାକନା ବୁଲାଇଛନ୍ତି। ଅଭିଯୋଗ ପରେ ସଦର ଥାନା ପୋଲିସ ଏ ସଂକ୍ରାନ୍ତରେ ନଂ.୨୯୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, କୁକୁଡ଼ାଖଣ୍ଡି ରଥଚକ ସାହିର ସ୍ୱପ୍ନା ପ୍ରଧାନ ଜଣେ ଦିନ ମଜୁରିଆ। ସେ ଘରେ ତାଲା ପକାଇ କାମ କରିବାକୁ ବ୍ରହ୍ମପୁର ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରବାରେ କବାଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘର ଭିତରକୁ ଯାଇ ଆଲମିରାରେ ସେ ରଖିଥିବା ୪୫ ହଜାର ଟଙ୍କା ଓ କିଛି ସାମଗ୍ରୀ ଗାଏବ ହୋଇଥିବା ଦେଖିଥିଲେ। ପରେ ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି।

## ମୋ ଗେହ୍ଲା ଝିଅ, ନିର୍ଭୟା କଢ଼ି କାର୍ଯ୍ୟକ୍ରମ

**ବୁଗୁଡା,୧୮।୬(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ୨ୟ କେନ୍ଦ୍ରରେ ଶନିବାର ମୋ ଗେହ୍ଲା ଝିଅ ଓ ନିର୍ଭୟା କଢ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ କନ୍ୟାରତ୍ନ ଯୋଜନା ଆନୁକଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳ ପରିଦର୍ଶିକା ତ୍ରିପୁରା ମୋହିନୀ ଦାଶ, ଅଙ୍ଗନୱାଡି କର୍ମୀ ଗୋଲାପ ପ୍ରଧାନ, ଯାଞ୍ଚ କମିଟି, ମାତୃ କମିଟିର ସଭ୍ୟମାନେ ଯୋଗ ଦେଇ ସୌଭାଗ୍ୟବତୀ ଦୁଇ ଜଣ ମା ଓ ସେମାନଙ୍କ ଗେହ୍ଲା ଝିଅମାନଙ୍କୁ ମିଷ୍ଟାନ୍ନ, ପୁଷ୍ପଗୁଚ୍ଛ, ନୂତନ ପୋଷାକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିମାନେ ନିର୍ଭୟା କଢ଼ି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିବା ସହ ଲିଙ୍ଗଭେଦ ଦୂର କରିବା, କନ୍ୟା ଭ୍ରୁଣ ହତ୍ୟା ବନ୍ଦ କରିବା, ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା, କାମ ପାଇଁ ଅନ୍ୟ ରାଜ୍ୟକୁ ଝିଅ ଚାଲାଣ ବନ୍ଦ, କନ୍ୟା ସନ୍ତାନ ମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ସହ ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା କରି ସଚେତନତା ସୃଷ୍ଟି କରିଥିଲେ। ଏଥିରେ ଉପସ୍ଥିତ କିଶୋରୀ ବାଳିକା ମାନଙ୍କୁ ସମ୍ମାନୀତ କରାଯାଇଥିଲା।

# ପୀଡ଼ିତାଙ୍କୁ ୫ ଲକ୍ଷ ଦେବାକୁ ଡ଼ିଏଲ୍ଏସ୍ଓଙ୍କୁ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୧୮।୬**

### ନାବାଳିକା ବଳାତ୍କାର ମାମଲା
**■ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକ୍ସୋ ଜଜ ଗୁରୁପ୍ରସାଦ ସାହୁ ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ବାବୁ ଦାସଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ସେ ତାଙ୍କ ରାୟ ଶୁଣାଇଛନ୍ତି। ଏହାସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ଜଜ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କ ଥଇଥାନ ସକାଶେ ତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜଙ୍କ ନିର୍ଦ୍ଦେଶ ରହିଛି ବୋଲି ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ମୁଖ୍ୟ ଅଭିଯୁକ୍ତ ବାବୁଙ୍କ ମା' ରେଣୁ ଦାସଙ୍କୁ ଜଜ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୫ ଜୁଲାଇ ୨୨ରେ ଜନୈକା ନାବାଳିକା ସ୍କୁଲ ଯାଉଥିବା ବେଳେ ତାଙ୍କୁ ରାସ୍ତାରୁ ଅପହରଣ କରାଯାଇଥିଲା। ପରେ ତାଙ୍କୁ ଅଭିଯୁକ୍ତ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିଲେ। ଏପରିକି ଝିଅଙ୍କୁ ଅପହରଣ କରିନେବା ପରେ ପୀଡ଼ିତାଙ୍କ ମା' ଓ ଅଭିଯୁକ୍ତଙ୍କ ମା' ରେଣୁଙ୍କ ମଧ୍ୟରେ ଝଗଡା ହୋଇଥିଲା। ରେଣୁ ପୀଡ଼ିତାଙ୍କ ମା'ଙ୍କୁ ମାରଧର କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ପୀଡ଼ିତାଙ୍କ ମା' ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୧୫ ରେ ଏକ ମାମଲା ରୁଜୁ କରିଥିଲା। ପରେ ଗଞ୍ଜାମ ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାବୁଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ବାବୁ ଓ ତାଙ୍କ ମା'ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ଅଜୟ କୁମାର ମିଶ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ମା' ଓ ତାଙ୍କ ପୁଅ ବାବୁଙ୍କୁ ଜାମିନ ମିଳିଥିଲା। ଶନିବାର ଏହି ମାମଲାର ବିଚାର ବେଳେ ଉଭୟ ରେଣୁ ଓ ତାଙ୍କ ପୁଅ ବାବୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ଉକ୍ତ ଚାର୍ଜଶିଟକୁ ଆଧାର କରି ଜଜ ଉପରୋକ୍ତ ରାୟ ଦେଇଛନ୍ତି। ବଳାତ୍କାରୀ ବାବୁଙ୍କୁ ଜଜ ଦଣ୍ଡାଦେଶ କରିବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ନିରଞ୍ଜନ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ରେକର୍ଡ ସଂଖ୍ୟକ ଭୋଟରେ ଜିତିଲେ କ୍ୟାଡର ଏପିପି


ନିର୍ବାଚିତ କର୍ମକର୍ତ୍ତା

**ଛତ୍ରପୁର,୧୭।୬(ଡି.ଏନ.ଏ.)**

କରୋନା କଟକଣା ପାଇଁ ଗତ ଡ଼ିସେମ୍ବରରୁ ସ୍ଥଗିତ ରହିଥିବା ଓଡିଶା ପ୍ରସିକ୍ୟୁଶନ ସର୍ଭିସ ଆସୋସିଏଶନର ନିର୍ବାଚନ ଭୁବନେଶ୍ୱରସ୍ଥିତ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନଳିନୀ ମହାରଣା ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନରେ ଭୁବନେଶ୍ୱର ଭିଜିଲାନ୍ସ ଅଫିସରେ ପଦସ୍ଥ ଥିବା ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଜିତ ପଟ୍ଟନାୟକ ସଭାପତି, କଟକରେ ପଦସ୍ଥ ଥିବା ଆଡ଼ିସିନାଲ ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମହାକୁଡ଼ ଉପସଭାପତି , ବରଗଡ଼ ଜିଲାର ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ ପ୍ରଧାନ ସାଧାରଣ ସମ୍ପାଦକ, ଛତ୍ରପୁରର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଯୁଗ୍ମ ସମ୍ପାଦକ, କ୍ରାଇମବ୍ରାଞ୍ଚ ଏପିପି ନିରଞ୍ଜନ ନାୟକ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଛତ୍ରପୁର କ୍ୟାଡ଼ର ଏପିପି ମିଶ୍ର ଏହି ନିର୍ବାଚନରେ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ ହୋଇ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଏନ୍‌ସିସି ର୍‌ୟାଙ୍କ ପ୍ରମାଣପତ୍ର ବଣ୍ଟନ


ଏନ୍‌ସିସି ଛାତ୍ରୀଛାତ୍ରମାନଙ୍କ ସହ ଅତିଥି।

**କାଶୀନଗର,୧୮।୬**

କାଶୀନଗରସ୍ଥ ଶ୍ରୀରାମ ଡିଗ୍ରୀ କଲେଜ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ଏନ୍‌ସିସି ର୍‌ୟାଙ୍କ ପ୍ରମାଣପତ୍ର ବଣ୍ଟନ ସଭା ଅଧକ୍ଷ ଡ. ପ୍ରଶାନ୍ତ କୁମାର ବନପାଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଯୋଗଦେଇ କ୍ୟାଡେଟଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ। ସଭାରେ ଅଧ୍ୟାପିକ, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ୮ ଜଣ କ୍ୟାଡେଟଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା।

# ସ୍ୱାମୀ ୧୩ ବର୍ଷ ହେଲା ଫେରାର

**ବ୍ରହ୍ମପୁର ଅଫିସ,୧୮।୬**

### ଯୌତୁକଜନିତ ହତ୍ୟା ମାମଲା
**■ଶାଶୁ ଓ ଦିଅର ନିର୍ଦ୍ଦୋଷ**

ଅତିରିକ୍ତ ଜିଲା ଜଜ(ଏଡିଜେ)-୧ ସଂଘମିତ୍ରା ଶର୍ମା ଏକ ଯୌତୁକ ଜନିତ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଶାଶୁ ଓ ଦିଅରଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଉମେଶ ସିଂ ସ୍ତ୍ରୀ ରଶ୍ମିରେଖା ପଟ୍ଟନାୟକ ଓରଫ ସିଂ ଓ ତାଙ୍କ ପୁଅ ଅମିତ କୁମାର ପଟ୍ଟନାୟକ ଓରଫ ସିଂ। ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମୃତ ମହିଳା ପ୍ରୀତି ପୁନମ ମିଶ୍ରଙ୍କ ସ୍ୱାମୀ ସୁମିତ ସିଂ ଏବେବି ଫେରାର ରହିଛନ୍ତି। ପୋଲିସ ଘଟଣାର ୧୩ ବର୍ଷ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରିନଥିବା ଜଣାପଡିଛି। ପ୍ରକାଶ ଯେ, ବାରିପଦା ଅଞ୍ଚଳର ପ୍ରୀତି ପୁନମ ମିଶ୍ର ବ୍ରହ୍ମପୁରରେ ଏମ୍‌ବିଏ ପଢିବା ବେଳେ ସୁମିତ ସିଂଙ୍କ ସହ ତାଙ୍କର ପ୍ରେମ ବିବାହ ହୋଇଥଲା। ସୁମିତ ସ୍ତ୍ରୀଙ୍କୁ ନେଇ ନିଜ ବାପା ଉମେଶ ସିଂ, ମା ଓ ଭାଇଙ୍କ ସହ ନୂଆ ବସ୍‌ଷ୍ଟାଣ୍ଡ ରୋଡରେ ଥିବା ଏକ ଆପାର୍ଟମେଣ୍ଟରେ ରହୁଥିଲେ। ୨୦୦୯ ସେପ୍ଟେମ୍ବର ୨୨ରେ ପ୍ରୀତିଙ୍କୁ ସ୍ୱାମୀ ଓ ଶଶୁର ଘର ଲୋକ ଅଧିକ ଯୌତୁକ ଦାବିକରି ତଣ୍ଟି ଚିପି ହତ୍ୟା କରିଥିଲେ। ଏନେଇ ମୃତ ମହିଳାଙ୍କ ମଉସା ସୂର୍ଯ୍ୟ କାନ୍ତ ଶତପଥୀ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୨/୦୯ ରେ ସୁମିତ ସିଂ, ତାଙ୍କ ମା ଓ ଭାଇଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା। ଘଟଣା ପରେ ଅଭିଯୁକ୍ତମାନେ ଫେରାର ଥିବା ବେଳେ ରଶ୍ମିରେଖା ପଟ୍ଟନାୟକ ଓରଫ ସିଂ ଓ ତାଙ୍କ ପୁଅ ଅମିତ ହାଇକୋର୍ଟରୁ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ଜାମିନରେ ଥିବା ଉପରୋକ୍ତ ମା' ରଶ୍ମିରେଖା ଓ ଅମିତଙ୍କୁ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନ ଓ କୋର୍ଟରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ଉଭୟ ରଶ୍ମିରେଖା ଓ ତାଙ୍କ ପୁଅ ଅମିତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଜ୍ଞାନେନ୍ଦ୍ର ନାଥ ଜେନା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସାୟଦ ଇକ୍‌ବାଲ ମକଦ୍ଦମା ପରିଚାଳନା କରିଥିଲେ।

## ବିଏମ୍‌ସି ନୂତନ କମିଶନରଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୧୮।୬**



ନୂତନ କମିଶନରଙ୍କ ଦାୟିତ୍ୱ ଗ୍ରହଣ।

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ନୂତନ କମିଶନର ଭାବେ ଜେ.ସୋନାଲ ଶନିବାର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଏମସିର ବିଭିନ୍ନ ଅଧିକାରୀଙ୍କ ପକ୍ଷରୁ ନୂତନ କମିଶନରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ବିଏମସି ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡି, ଅତିରିକ୍ତ କମିଶନର ଆଶୁତୋଷ ସାମଲଙ୍କ ସମେତ ବିଏମସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବତନ କମିଶନର ଶ୍ରୀ ବୋନ୍ଦାରଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ବିଏମସି ଅଧିକାରୀ ଓ କର୍ମଚାରୀମାନେ ପ୍ରଶଂସା କରିଥିଲେ। ସୂଚନା ଥାଉ କି, ଶ୍ରୀ ବୋନ୍ଦାର ୨୦୨୦ ମସିହା ସେପ୍ଟମ୍ବର ୯ ତାରିଖରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ଭଦ୍ରକ ଜିଲାପାଳ ଭାବେ ବଦଳି ହୋଇଛନ୍ତି।

## ଗ୍ରାହକଙ୍କ ଅଜାଣତରେ ୭୦ ଲକ୍ଷ ଋଣ ଉଠାଣ

**ବ୍ରହ୍ମପୁର ଅଫିସ,୧୮।୬**

### କୋର୍ଟ ନିର୍ଦ୍ଦେଶ ପରେ ମାମଲା ରୁଜୁ

ବ୍ୟାଙ୍କର ଜଣେ ଗ୍ରାହକଙ୍କ ଅଜାଣତରେ ତାଙ୍କ ନାଁରେ ୭୦ ଲକ୍ଷ ଟଙ୍କାର ଋଣ ଉଠାଣ ହୋଇଛି। ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ଆନ୍ଧ୍ର ବ୍ୟାଙ୍କରେ ଏହି ଘୋଟାଲା ହୋଇଛି। ଏସଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ ପରେ ବୈଦ୍ୟନାଥପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରୁ ପ୍ରକାଶ, ଅଳକାପୁରୀର ବ୍ୟବସାୟୀ ଶିବରାମ ବେହେରା ନୀଳକଣ୍ଠନଗର ସ୍ଥିତ ଆନ୍ଧ୍ର ବ୍ୟାଙ୍କ(ବର୍ତ୍ତମାନ ୟୁନିୟନ ବ୍ୟାଙ୍କ)ରୁ ୨୦୧୮ରେ ଏକ ଗୃହ ଋଣ ନେଇଥିଲେ । ଋଣ ନେବା ବେଳେ ସେହି ବ୍ୟାଙ୍କର ମ୍ୟାନେଜରଙ୍କ କହିବା ପ୍ରକାରେ ମ୍ୟାନେଜରଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ଗୁପ୍ତେଶ୍ୱର ପଟ୍ଟନାୟକ ଶିବରାମଙ୍କ ଠାରୁ କିଛି କାଗଜରେ ଦସ୍ତଖତ ନେଇଥିଲେ । ଋଣ ନେବାର କିଛି ମାସ ପରେ ଶିବରାମଙ୍କ ନାଁରେ ୭୦ ଲକ୍ଷ ଟଙ୍କାର ୫ଟି ଋଣ ଥିବା ଜଣାପଡ଼ିଥିଲା । ଏ ନେଇ ବ୍ୟାଙ୍କ ପକ୍ଷରୁ ଶିବରାମଙ୍କ ନିକଟକୁ ନୋଟିସ ଆସିବା ପରେ ସେ ବ୍ୟାଙ୍କ ଯାଇ ଘଟଣା ସମ୍ପର୍କରେ ମ୍ୟାନେଜରଙ୍କୁ ପଚାରିଥିଲେ। ତେବେ ସେ କେବଳ ଗୃହ ଋଣ ନେଇଥିବା ବେଳେ ଅନ୍ୟ ୫ଟି ଋଣ ନେଇନାହାନ୍ତି ବୋଲି ମ୍ୟାନେଜରଙ୍କୁ ଜଣାଇଥିଲେ । ଅଧିକ ଯାଞ୍ଚ ପରେ ସେହି ବ୍ୟାଙ୍କର ତତ୍କାଳୀନ ମ୍ୟାନେଜର ଓ ଗୁପ୍ତେଶ୍ୱର କାଗଜପତ୍ର ଜାଲିଆତି କରି ତାଙ୍କ ନାଁରେ ୭୦ ଲକ୍ଷ ଟଙ୍କାର ଋଣ ଉଠାଣ କରି ସମସ୍ତ ଟଙ୍କା ଚଳୁ କରି ଦେଇଥିବା ଶିବରାମ ଜାଣିବାକୁ ପାଇଥିଲେ। ଏ ନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଗୁପ୍ତେଶ୍ୱରଙ୍କୁ ଗିରଫ କରିଥିଲା। ଏହାପରେ ଶିବରାମ ଓକିଲଙ୍କ ମାଧ୍ୟମରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏକ ୱାନ ସିସି ମାମଲା ରୁଜୁ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବୈଦ୍ୟନାଥପୁର ଥାନା ପୋଲିସ ସମ୍ପୃକ୍ତ ମ୍ୟାନେଜର ଓ ଗୁପ୍ତେଶ୍ୱରଙ୍କ ନାଁରେ ନଂ ୨୦୭/୨୨ରେ ଆଉ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

**ରାମଗିରି,୧୮।୬(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା କାର୍ଜୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତିସଭ୍ୟା ସରୋଜିନୀ ବଡମୁଣ୍ଡି, ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ, ପିଅନ ରଘୁନାଥ ପ୍ରଧାନୀ ଏବଂ ୱାର୍ଡ ସଭ୍ୟାସଭ୍ୟ ଓ ମହିଳା କର୍ମୀମାନଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ରାମଗିରି ପଞ୍ଚାୟତ ଯୋଗାଣ ସହାୟକ ବିବେଚି ଚନ୍ଦ୍ର ମାଳି ବାତ୍ୟା ସମୟରେ ଅସହାୟ ବୃଦ୍ଧାବୃଦ୍ଧ, ଗୃହପାଳିତ ପଶୁ, କଚା ଘରେ ରହୁଥିବା ଅସହାୟମାନଙ୍କ ଥଇଥାନ, ଶୁଖିଲା ଖାଦ୍ୟ, କ୍ୟାଣ୍ଡେଲ ଓ ଲଣ୍ଠନ ମହଜୁଦ ରଖିବା, ପ୍ରତ୍ୟେକ ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର ଏବଂ ବିଦ୍ୟାଳୟ ଗୁଡିକୁ ଆଗୁଆ ସୂଚନା ଦେବା ଏଭଳି ବିଭିନ୍ନ ବିଷୟରେ ଉପସ୍ଥିତ ଥିବା ସମସ୍ତଙ୍କୁ ବୁଝେଇ ଆଲୋଚନା କରିଥିଲେ।

# କ୍ଷତି ସହୁଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ

**ବ୍ରହ୍ମପୁର ଅଫିସ,୧୮।୬**



ମିଶନ ଶକ୍ତି ମଲ।

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ମିନାକ୍ଷୀ ନଗରଠାରେ ମିଶନ ଶକ୍ତି ମଲ ନିର୍ମାଣ କରାଯାଇଛି। ଯେଉଁଠାର ଆଚାର ପ୍ରସ୍ତୁତ କରିବା ନିମନ୍ତେ ବିଘ୍ନେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ-୨କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେଠାରେ ୧୦ ମହିଳା କର୍ମଚାରୀ ନିୟୋଜିତ ରହିଛନ୍ତି। ଏହି କେନ୍ଦ୍ରଟି ୨୦୨୧ ଏପ୍ରିଲରେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୦୪ କୁଇଣ୍ଟାଲ ଆଚାର ପ୍ରସ୍ତୁତ ହୋଇଛି। କିନ୍ତୁ ଏହି ଆଚାର ଉତ୍ପାଦନ କ୍ଷେତ୍ରରେ ବର୍ତ୍ତମାନ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ କ୍ଷତି ସହୁଛନ୍ତି।

ଆଚାର ପ୍ରସ୍ତୁତି ଦାୟିତ୍ୱ ନେଇଥିବା ବିଘ୍ନେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମପୁର ବଜାରରେ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ଆଚାରର ଚାହିଦା ରହୁନି। ଯାହାଫଳରେ ବ୍ୟୟ ତୁଳନାରେ ଆୟ ହ୍ରାସ ପାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀ କ୍ଷତି ସହୁଥିବା କହିଛନ୍ତି। ଆଚାର ଉତ୍ପାଦନ ସାଙ୍ଗକୁ ଆଚାର ବିକ୍ରୟ ପାଇଁ ଏହି କୋଠାରେ ୧୨ଟି ଦୋକାନ ଗୃହ ରହିଛି। ବର୍ତ୍ତମାନ ଗୋଟିଏ ଦୋକାନ ଗୃହରେ ଆଚାର ବିକ୍ରୟ ହେଉଛି। ବିକ୍ରୟ ବୃଦ୍ଧି ପାଇଲେ ବାକି ଗୃହଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ତେବେ ଉତ୍ପାଦନ କେନ୍ଦ୍ରଠାରେ ଲ୍ୟାବ ନ ଥିବା କାରଣରୁ ଆଚାରର ଗୁଣବତ୍ତା ପରୀକ୍ଷାରେ ବାଧା ଉପୁଜୁଛି। ଆଚାରର ଗୁଣବତ୍ତା ପାଇଁ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ କଲ୍ୟାଣ ଲେବ୍ରୋଟୋରୀ ଉପରେ ନିର୍ଭର କରିବାକୁ ପଡୁଛି। ଏଠାରେ ଲ୍ୟାବ କରାଗଲେ ଆଚାରର ଗୁଣବତ୍ତା ସାଙ୍ଗକୁ ଆଚାରରରେ ବ୍ୟବହୃତ ହେଉଥିବା ଅନ୍ୟାନ୍ୟ ସାମଗ୍ରୀର ଗୁଣବତ୍ତା ମଧ୍ୟ ପରୀକ୍ଷା କରାଯାଇପାରିବ ବୋଲି କୁହାଯାଇଛି। ଅନ୍ୟପଟେ ଏହି

### ବିଏମ୍‌ସି ମିଶନ ଶକ୍ତି ମଲ୍

କୋଠାରେ ୫ଟି ଟର୍ବୋ ଭେଣ୍ଟିଲେଟର ରହିଥିବା ବେଳେ ଆଉ ୫ଟି ଟର୍ବୋ ଭେଣ୍ଟିଲେଟର ଆବଶ୍ୟକ। ବର୍ତ୍ତମାନ ଏହି କେନ୍ଦ୍ରରୁ ମାନା ଟ୍ରଷ୍ଟ ଜରିଆରେ ଭଞ୍ଜନଗର, ବ୍ରହ୍ମପୁରଠାରେ ରହିଥିବା ଆହାର କେନ୍ଦ୍ରକୁ ଆଚାର ପଠାଯାଉଛି। ମିଶନ ଶକ୍ତି ପକ୍ଷରୁ ସିଧାସଳଖ ରାୟଗଡା, ଗଜପତି, ମାଲକାନଗିରି ଓ କନ୍ଧମାଳକୁ ଆଚାର ପଠାଯାଉଛି। ଏ ନେଇ ବିଏମସି ସିଟି ମିଶନ ମ୍ୟାନେଜର ଏନ.ଅରୁଣ କୁମାରଙ୍କ ସହ ଯୋଗାଯୋଗ ବେଳେ କହିଛନ୍ତି ଯେ, ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଆଚାର ବିକ୍ରି ସହ ଏସଏଚଜିମାନଙ୍କୁ ଆଚାରର କିଭଳି ଅଧିକା ବିକ୍ରୟ ହେବ ସେ ନେଇ ମାର୍କେଟିଂ ପାଇଁ କୁହାଯାଇଛି। ଯାହାଦ୍ୱାରା ଚାହିଦା ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

## ଜିଲାପାଳଙ୍କ ଜଗନ୍ନାଥ ମନ୍ଦିର ପରିଦର୍ଶନ

ପାରଳାଖେମୁଣ୍ଡି,୧୮।୬(ଡି.ଏନ୍.ଏ.) ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଶନିବାର ଗୁମ୍ମା ବ୍ଲକ ଅନ୍ତର୍ଗତ ନାମାନଗଡ ଗ୍ରାମ ପରିଦର୍ଶନ କରିଛନ୍ତି। ସେଠାରେ ଥିବା ପୁରାଣ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରକୁ ପରିଦର୍ଶନ କରି ମନ୍ଦିରର ଉନ୍ନତି ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏବଂ ବ୍ଲକ ଅଧିକାରୀ ଓ ଗ୍ରାମବାସୀ ମାନଙ୍କ ସହ ଆଲୋଚନା କରିଥିଲେ।

# ବିପର୍ଯ୍ୟୟ ବେଳେ ଗଞ୍ଜାମରେ ଠିକ ପଦକ୍ଷେପ

**ଛତ୍ରପୁର,୧୮।୬(ଡି.ଏନ.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା ଜିଲାରେ ଦେଖାଯାଉଥିବା ଯେ କୌଣସି ଆପଦ ବିପଦ ହେଉ ପ୍ରଶାସନ ଠିକ ସମୟରେ ପଦକ୍ଷେପ ଗ୍ରହଣ କରି ଜୀବନ ସୁରକ୍ଷିତ କରିଥିବାରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭୂୟସୀ ପ୍ରଶଂସା କରିଛନ୍ତି। ଜିଲା ପ୍ରଶାସନ ଦାରା ନିଆ ଯାଇଥିବା ପଦକ୍ଷେପ ଜାତୀୟସ୍ତରରେ ଠିକ ଭାବେ ଉପସ୍ଥାପନା କରିବାକୁ ମତ ଦେଇଥିଲେ ।

ଶନିବାର ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ମକ୍ଡ୍ରିଲ ସମ୍ବନ୍ଧୀୟ ଏକ ଆଲୋଚନା ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଦାରା ପ୍ରେରିତ ୨ ଜଣ ପର୍ଯ୍ୟାବେକ୍ଷକ କର୍ନେଲ ନଦୀମ୍ ଆର୍ଷଦ ଏବଂ କର୍ନେଲ ଡକ୍ଟର ସଞ୍ଜୟ କୌଶଲ ଉପସ୍ଥିତ ରହି ଜିଲାରେ ବିପର୍ଯ୍ୟୟ ସମୟରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କରାଯାଉଛି ତାହା ଜାଣିବାକୁ ଚାହିଁଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିଜ ବକ୍ତବ୍ୟରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବିପର୍ଯ୍ୟୟ ପ୍ରବଣ ଜିଲା ଭାବରେ ସଦା ସର୍ବଦା ବିପର୍ଯ୍ୟୟ ମୁକାବିଲା କରିଆସୁଛି । ଯେ କୌଣସି ବିପର୍ଯ୍ୟୟର ମୁକାବିଲାରେ ସଫଳ ହୋଇ ଜନ ଜୀବନ ସୁରକ୍ଷିତ ରଖିଆସୁଛି। ଜିଲାର ଗୋଟିଏ ହେଲେ ଜୀବନ ଯେପରି ମୃତ୍ୟୁ ମୁଖରେ ପଡିବ ନାହିଁ ଜିରୋ କାଜୁଆଲିଟି ରହିବ ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟପନ୍ଥା ସ୍ଥିର ହେଉଥିବା ବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ତତ୍ତ୍ୱାବଧାନ ସମସ୍ତ ଲାଇନ ବିଭାଗ ନିଜ ନିଜ ବିଭାଗ ଦାରା ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ପାୱାର ପଜେକ୍ଟର ମାଧ୍ୟମରେ ଅବଗତ କରାଇଥିଲେ। ବିପର୍ଯ୍ୟୟ ସୂଚନା ପାଇବାପରେ ଏହାର



ଜିଲାପାଳ ଓ ଅନ୍ୟମାନେ

### କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ

ପୂର୍ବ ପ୍ରସ୍ତୁତି କିଭଳି କରାଯାଉଛି , ବିପର୍ଯ୍ୟୟ ଟଳିବା ପରେ କିଭଳି ଭାବରେ ପୁନଃ ଥଇଥାନର ବ୍ୟବସ୍ଥା କରାଯାଉଛି ସେ ସମ୍ପର୍କରେ ସମସ୍ତ ବିଭାଗର ଅଧିକାରୀଗଣ ପର୍ଯ୍ୟାବେକ୍ଷକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ବିପର୍ଯ୍ୟୟ ମୁକାବିଲା ଦିଗରେ ଜିଲାରେ ସୁନ୍ଦର ଏବଂ ଗୁଣାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି, କିନ୍ତୁ ଏହାର ପ୍ରଚାର ପ୍ରସାର ହେଲେ ଏହା ନିଶ୍ଚିତ ଭାବେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବ। ଏହି ଆଲୋଚନାରେ ଓଡିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ସିଜିଏମ୍ ସବ୍ୟସାଚୀ ହୋତା, ସେଲଟର ଏକ୍ସପର୍ଟ ମେଘନାଦ ବେହେରା, ଅତିରିକ୍ତ ଜିଲାପାଳ,ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ଉପ-ଜିଲାପାଳ ପ୍ରସନ୍ନ କୁମାର ପାତ୍ର ସମସ୍ତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍ ଦୁର୍ଘଟଣା, ୫୨ ଆହତ

ଦାରିଙ୍ଗବାଡ଼ି,୧୮।୬(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ପାଙ୍ଗାଲୀ ଗ୍ରାମ ନିକଟ ଶିଖିଗାଣ୍ଡା ଘାଟିରେ ବିବାହ ଭୋଜି ଖାଇବାକୁ ଯାଉଥିବା ଏକ ଡାଲା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫୨ ଆହତ ହୋଇଛନ୍ତି। ବ୍ରାହ୍ମଣଗାଁ ଥାନା ପୁରୁତୁମାହା ଗ୍ରାମର ଝିଅ ପାଙ୍ଗାଲୀ ଗାଁରେ ଶୁକ୍ରବାର ବିବାହ କରିଥିଲେ। ଶନିବାର ଝିଅ ପରିବାର ଓ ସମ୍ପର୍କୀୟମାନେ ପାଙ୍ଗାଲୀକୁ ଟ୍ରକ୍‌ରେ ଭୋଜି ଖାଇବାକୁ ଆସୁଥିଲେ। ଶିଖିଗାଣ୍ଡା ଘାଟିରେ ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ୫୨ଜଣ ଆହତ ହୋଇଥିଲେ। ସେଥିରୁ ୧୮ଜଣ ଗୁରୁତର ହୋଇଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ସେମାନେ ହେଲେ ଜନାଆଲୁ ମଳିକ, ମଇସକ ମଳିକ, ମାର୍ଥା ମଳିକ, ପ୍ରକାଶ ବେହେରାମାଝି, ପ୍ରଫୁଲ୍ଲ ମଳିକ, ଗୀତ ମଝି, ସୁବଳ ମୁଠାମଝି, ସୁନୀତ ମାଝି, ନିରଳା ମାଝି ଓ ମାଣ୍ଟୁ ମଳିକ, ପ୍ରଫୁଲ୍ଲ ମଳିକ, ପ୍ରତାପ ମଳିକ, ସନଜ ମଳିକ, ଜିନତି ମଝି, ସାରା ମଳିକ, ଜିନତି, ନାଜାଲି ମଳିକ, ଏଷ୍ଟର ପ୍ରଧାନକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏହି ଘଟଣାରେ ଦାରିଙ୍ଗବାଡ଼ି ଥାନାରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନା ଅଧିକାରୀ କହିଛନ୍ତି ।

**ସଂକ୍ଷେପରେ**

## କୀର୍ତ୍ତି ଭାସନ ଭି.ହେଲେ ଡିଆର୍‌ଡିଏ ପିଡି



ଛତ୍ରପୁର,୧୮।୬(ଡି.ଏନ.ଏ.)- ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଭି.କୀର୍ତ୍ତୀ ଭାସନ ଶନିବାର ଅପରାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଥିବା ଡିଆରଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୨୦୧୮ ବ୍ୟାଚ୍‌ର ଆଇଏଏସ୍ ଏବଂ ୨୦୨୦ ରୁ ବ୍ରହ୍ମପୁର ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଡିଆରଡିଏର ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏଠାରେ ଥିବା ଡିଆରଡିଏ ପିଡି ଭାଉସାହେବଙ୍କ ବାଲେଶ୍ୱର ଜିଲାପାଳ ଭାବେ ବଦଳି ହୋଇଛି।

## ବାର୍ ଆସୋସିଏଶନ ପୂର୍ବତନ ସଭାପତିଙ୍କ ପରଲୋକ

ଭଞ୍ଜନଗର,୧୮।୬(ଡି.ଏନ.ଏ)-ଭଞ୍ଜନଗର ବାର୍ ଆସୋସିଏଶନର ପୂର୍ବତନ ସଭାପତି ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ରାମକୃଷ୍ଣ ଗୌଡ଼ଙ୍କ ସାନଭାଇ ତ୍ରିନାଥ ଗୌଡ଼ (୮୨)ଙ୍କ ଶନିବାର ସ୍ଥାନୀୟ ବଡ଼ଧୋବାସାହିସ୍ଥିତ ବାସଭବନରେ ପରଲୋକଗମନ କରିଛନ୍ତି। ଏ ନେଇ ଶନିବାର ସ୍ଥାନୀୟ ବାର୍ ଆସୋସିଏଶନ ପକ୍ଷରୁ ଏକ ଶୋକସଭା ହୋଇଥିଲା। ଏଥିରେ ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଅଧକ୍ଷତା କରିଥିଲେ। ଉପ ସଭାପତି ଧିରେନ କୁମାର ସ୍ୱାଇଁ, ସମ୍ପାଦକ ଅମରେଶ ମହାପାତ୍ର, ସହସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, ବରିଷ୍ଠ ଆଇନଜୀବୀ ଏମ୍.ତାଜ୍ ଆଦେନୀ, ଦଣ୍ଡପାଣି ସ୍ୱାଇଁ, ବିଜୟ ପାତ୍ର, ରବି ଦାସ, ଅଭିମନ୍ୟୁ ଗୌଡ଼ ପ୍ରମୁଖ ଆଲୋଚନାରେ ଭାଗନେଇ ସ୍ୱର୍ଗତ ଗୌଡ଼ଙ୍କ ଜିବନୀ ସମ୍ପର୍କରେ କହିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଦିଗପହଣ୍ଡି,୧୮।୬(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଗଡ଼ସାମନ୍ତରାପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଖମ୍ବାରୀ ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ରକ୍ତଭଣ୍ଡାରରେ ରକ୍ତର ଅଭାବ ଦୂର କରିବା ଏବଂ ରୋଗୀଙ୍କୁ ଉପଯୁକ୍ତ ସମୟରେ ଆବଶ୍ୟକ ରକ୍ତ ଯୋଗାଇବା ପ୍ରୟାସ ପାଇଁ ଆୟୋଜିତ ଶିବିରରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଚିସ୍ମିତା ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକର୍ମୀ ପ୍ରଦୀପ କୁମାର ବେହେରା ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉଷାରାଣୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୩୦ ଜଣ ରକ୍ତଦାନ କରିଥିଲେ। ତଲା ସିଂ ସରକାରୀ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ରାମେଶ୍ୱର ରେଡ୍ଡୀ ଓ ଏସ . ଶିବପ୍ରସାଦ ପାତ୍ର , ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ଡମ୍ବରୁ ସେଠୀ, ନାଏବ ସରପଞ୍ଚ ଶରତ କୁମାର ଶବରଙ୍କ ସମେତ ଅଙ୍ଗନୱାଡି , ଆଶାକର୍ମୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଶା ନିବାରଣ ସଚେତନତା

ବଲସକୁମ୍ପା,୧୮।୬(ଡି.ଏନ୍.ଏ.)- ଖଜୁରିପଡ଼ା ଥାନା ଅଧୀନ ବଲସକୁମ୍ପା ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ପକ୍ଷରୁ ନିଶା ନିବାରଣ କରିବା ଅଭିମୁଖେ ଏକ ବୈଠକ ଅନୁଷ୍ଠିତ କରି ଘରେ ଘରେ ଯାଇ ମଦ, ରସ ଭଳି ମାଦକ ଦ୍ରବ୍ୟ ସେବନ ନ କରିବାକୁ ମହିଳା ସଂଘ ସଚେତନା କରିଛି। କୁହାଯାଏ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତେ ସହଯୋଗ କରିବା ପାଇଁ ହାତ ବଢ଼େଇବା ଦରକାର। ମଦ ପିଇବା ପରିବାର ମଧ୍ୟରେ କଳହ ସୃଷ୍ଟି ହେବା ସହିତ ଘରେ ସବୁବେଳେ ଅଶାନ୍ତି ଲାଗି ରହିଥାଏ। ଫଳରେ ଛୋଟ ଛୋଟ ପୁଅ ଝିଅ ମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଛି। ଆଜିକା ସମାଜରେ ନିଶା ଯୋଗୁ ଅପରାଧ ହେଉଛି। ମହା ସଂଘର କହିବା ଅନୁଯାୟୀ ଗାଁ ଗାଁରେ ଘରେ ଘରେ ମଦ ରନ୍ଧା ହୋଇ ବିକ୍ରି ହେଉଛି। ସେହିପରି ପ୍ରତିଟି ଗାଁରେ ଖଜୁରି ରସ ଖୁଲୁମ୍ ଖୋଲା ବିକ୍ରି କରାଯାଉଛି। କିନ୍ତୁ ସବୁ ଜାଣି ନ ଜାଣିବା ଅଭିନୟ କରୁଛି ବିଭାଗ। ଜିଲାରେ ଗଞ୍ଜେଇ ଚାଲାଣ ରୋକିବା ପାଇଁ ପୋଲିସ ଏବଂ ଅବକାରୀ ବିଭାଗ ମାଫିଆମାନଙ୍କୁ ଗୋଡ଼େଇ ଗୋଡ଼େଇ ଧରିବାରେ ସଫଳ ହେଉଥିବା ବେଳେ ମଦ, ରସ ବିକ୍ରେତାଙ୍କୁ ଧରିବାରେ କାହିଁକି ଅସଫଳ ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯଦି ସମାଜରେ ଏହି ଭଳି ନିଶା ସେବନ ଜାରି ରହିବ ତାହା ହେଲେ ଆଜିର ଯୁବ ପିଢ଼ି ସହିତ ଆଜିର ସୁସ୍ଥ ଏବଂ ଶିକ୍ଷିତ ସମାଜ ଲୋପନ୍ ଆଡ଼କୁ ଗତି କରିବ ଏଥିରେ ସନ୍ଦେହ ନାହିଁ। ତେଣୁ ଏହି ନିଶାକୁ ବିରୋଧ କରି ମହିଳାମାନେ ଜନସାଧାରଣଙ୍କୁ ବୁଝାଇବା ସହିତ ନିଶା ନିବାରଣ ସଚେତନତା ଜାରି କରିଛନ୍ତି।

# ଆଗେଇ ଚାଲିଛି ରଥ ନିର୍ମାଣ

**ଧରାକୋଟ,୧୮।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ଗଡ଼ଜାତ ଅଞ୍ଚଳର ରଥଯାତ୍ରା ମଧ୍ୟରେ ଧରାକୋଟ ରଥଯାତ୍ରା ଏକ ଭିନ୍ନ ପରମ୍ପରା ଦେଇ ପାଳନ ହୋଇଆସୁଛି। ସବୁସ୍ଥାନରେ ବାହୁଡ଼ା ଯାତ୍ରା ପାଳନ ହୋଉଥିବା ବେଳେ ପୂର୍ବ ପରମ୍ପରା ଅନୁଯାୟୀ ଏକାଦଶୀ ଦିନ ଏଠାରେ ଧୁମ୍‌ଧାମରେ ରଥଯାତ୍ରା ପାଳନ ହୁଏ। ଏଥିରେ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇ ରଥଟାଣନ୍ତି। କରୋନା ମହାମାରୀ ଯୋଗୁ ଦୁଇ ବର୍ଷ ରଥଯାତ୍ରା ବନ୍ଦ ରହିଥିଲା। ଚଳିତ ବର୍ଷ ନୂତନ ରଥ ନିର୍ମାଣ କରାଯାଇ ରଥଯାତ୍ରା ପାଳନ ହେବ। ନୂତନ ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ତରଫରୁ ୨୭୪ସିଏଫ୍‌ଟି କାଠ ବଡଗଡ ଓ ଗାଜରବାଡ଼ି ଜଙ୍ଗଲରୁ ଯୋଗାଇ ଦିଆଯାଇଛି। ଏହାପରେ ମଧ୍ୟ ଆଖପାଖ ଗ୍ରାମର ବଦାନ୍ୟ ବ୍ୟକ୍ତିମାନେ ନିଜ ନିଜର କାଠ ଦାନ କରିଛନ୍ତି। ସମ୍ପ୍ରତି ରଥଚକ, ଅଖ, ବ୍ରାନ୍ଦ, ନାଇକା, ଗର, ଛାଟୁଣୀ, ମୁହାଣ, ନିର୍ମାଣ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ଦୀର୍ଘ ଦୁଇବର୍ଷ ପରେ ସମ୍ପୂର୍ଣ୍ଣ ନୂତନ କାଠରେ ରଥ ନିର୍ମାଣ ହୋଉଛି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ମହାପ୍ରଭୁଙ୍କ ରାଜସ୍ୱ ଆଦାୟ କମ୍ ହୋଉଛି। ରାଜା ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ପ୍ରତ୍ୟକ୍ଷ ଭାବେ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବାବେଳେ ଦେବୋତ୍ତର ଗୁମସ୍ତା ଅଶୋକ କୁମାର ଗୌଡ଼, ମହେନ୍ଦ୍ର ପାତ୍ର, କାଳିଆ ବେହେରା, ସନାତନ ସ୍ୱାଇଁ, ମଙ୍ଗଳା ବେହେରା, କୃତିବାସ ସ୍ୱାଇଁ, ରିଙ୍କୁ ସ୍ୱାଇଁ ଓ ଧରାକୋଟ ସରପଞ୍ଚ ପୁନିଆ ଦାସଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ଦୁଇବର୍ଷ ପରେ ତିନିଠାକୁର ବଡ଼ଦାଣ୍ଡରେ ରଥାରୂଢ଼ ହେବେ ଏଣୁ ଅଞ୍ଚଳର ଭକ୍ତମାନଙ୍କ ମଧ୍ୟରେ ନୂତନ ଉନ୍ମାଦନା ଦେଖାଦେଇଛି।



ରଥ ନିର୍ମାଣ କାଠ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ହିଞ୍ଜିଳିକାଟୁ,୧୮।୬(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ଶାସନଆମ୍ବଗାଁ ପୋଖରୀରେ ବୁଡ଼ି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସମ୍ପୃକ୍ତ ଗ୍ରାମ ଖତାଡି ସାହିର ଭୋଳା ସ୍ୱାଇଁ (୩୫)। ଅପରାହ୍ନରେ ଭୋଳା ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପୋଖରୀ ନିକଟରେ ତାଙ୍କ ପ୍ୟାଣ୍ଟ ପଡ଼ିଥିବା ଦେଖି ସେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ଉଦ୍ଧାର ପାଇଁ ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କ ସନ୍ଧାନ ମିଳି ନ ଥିଲା। ଶନିବାର ପୋଖରୀରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ଗାଁ ଲୋକେ ହିଞ୍ଜିଳି ଥାନାକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଶନିବାର ପହଞ୍ଚି ମୃତଦେହ ପାଣିରୁ ବାହାର କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ.୧୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସଙ୍ଗୀତଗୁରୁ ରଘୁନାଥ ସମ୍ବର୍ଦ୍ଧିତ




ସଙ୍ଗୀତଗୁରୁ ରଘୁନାଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ପାରଳାଖେମୁଣ୍ଡି,୧୮।୬(ଡି.ଏନ୍.ଏ.)**

ବ୍ରହ୍ମପୁର ସଂସ୍କୃତି ଭବନଠାରେ ଓଡ଼ିଶୀ ନୃତ୍ୟୟାନ ଓ ଗୋପାଳପୁର ଟାଟା ଷ୍ଟିଲ ଫାଉଣ୍ଡେନ ଦ୍ୱାରା ଆୟୋଜିତ ରଜ ମୋହତ୍ସବ-୨୦୨୨ ଅବସରରେ ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଓଡିଶୀ ସଙ୍ଗୀତ ଗୁରୁ ରଘୁନାଥ ପାତ୍ର ଓଡ଼ିଶୀ ସଂଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡ.ସିଦ୍ଧେଶ୍ୱର ବଳିରାମ, ସମ୍ମାନିତ ଅତିଥି ଭାବେ କିର୍ତ୍ତିଭାସନ, ଗୋପାଳପୁର ଟାଟା ଫାଉଣ୍ଡେଶନର ମୁଖ୍ୟ ରକି ମାର୍ଟିନ, ଅବସର ପ୍ରାପ୍ତ ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର, ଗୁରୁ ଶିବରାମ ବାରିକ ପ୍ରମୁଖ ମଞ୍ଚାସୀନ ହୋଇ ରଘୁନାଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ପାତ୍ରଙ୍କୁ ଏପରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାରୁ ପାରଳାଖେମୁଣ୍ଡି କ୍ରିଏଟିଭ ଆର୍ଟରେ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ପୂର୍ବତନ ଗଜପତି ଏସ୍.ପି. ସାରା ଶର୍ମା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ପ୍ରଫେସର ମୋହନ ପଟ୍ଟନାୟକ, ବରିଷ୍ଠ ସିନେ କଳାକାର ପ୍ରସନ୍ନ ମିଶ୍ର, ବିଶିଷ୍ଟ କଳାକାର ଦେବେନ୍ଦ୍ର ଦାସ, ଆଦର୍ଶ ଦାସଙ୍କ ସମେତ ଓଡ଼ିଶାର ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି।

## ଟାଟା କମ୍ପାନୀରେ ନିଯୁକ୍ତି ଦାବି
# ଆଲୋଚନା ବିଫଳ ପରେ ଚାଲିଛି ଆନ୍ଦୋଳନ

**ଛତ୍ରପୁର,୧୮।୬(ଡି.ଏନ.ଏ.)**

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ହେଉଥିବା ପ୍ରକଳ୍ପକୁ ସ୍ଥାନୀୟ ଲୋକଙ୍କ ବିରୋଧ ସହ ଆନ୍ଦୋଳନ ଶନିବାର ଅଷ୍ଟମ ଦିନରେ ପହଞ୍ଚିଛି । ଏହି ବିରୋଧ ଯୋଗୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଅପରପକ୍ଷରେ ଶୁକ୍ରବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନା ବୈଠକରୁ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଏଣୁ ପ୍ରକଳ୍ପ ନିର୍ମାଣ ସ୍ଥଳରେ କାଳିପଲ୍ଲୀ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି ରଖାଯାଇଛି । ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ନେଇ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ କହିଛନ୍ତି। ଦୁଇ ଦିନ ମଧ୍ୟରେ ଉକ୍ତ ଗାଁରେ ଛତ୍ରପୁର ଉପଜିଲାପାଳ ଓ ଏସ୍‌ଡିପିଓଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ବୈଠକ ହେବ ଏବଂ ଖୁବ୍‌ଶୀଘ୍ର ଏହା ସମାଧାନ ହେବ ବୋଲି ଜିଲାପାଳଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା ।

ସୂଚନାଯୋଗ୍ୟ, ଟାଟା କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି । ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହି କାମକୁ ଗତ ଶନିବାରଠାରୁ ସ୍ଥାନୀୟ ଶତାଧିକ ଲୋକେ ବିରୋଧ କରିବା ସହ ନିଯୁକ୍ତି ଦାବିରେ ଆନ୍ଦୋଳନରେ ବସିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ହିଞ୍ଜିଳିକାଟୁ,୧୮।୬(ଡି.ଏନ.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ ଶନିବାର ହିଞ୍ଜିଳିକାଟୁ ବ୍ଲକ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବଲରାମପୁର ବନ୍ୟା ଆଶ୍ରୟସ୍ଥଳୀଠାରେ ବିପର୍ଯ୍ୟୟ ମୁକାବିଲା ମକ ଡ୍ରିଲ ରବିବାର ଅନୁଷ୍ଠିତ ହେବ। ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ନଦୀ ଓ ଘୋଡ଼ାହଡ଼ ନଦୀ କୂଳର ସାମ୍ଭାବ୍ୟ ବାତ୍ୟାବନ୍ୟା ଗ୍ରାମଗୁଡିକ ଚିହ୍ନଟ କରାଯାଇଛି। ଗ୍ରାମର ଧନ ଜୀବନ ସୁରକ୍ଷା ସହ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା ହିଞ୍ଜିଳିକାଟୁ ୬୭ ଜିଲା ପରିଷଦ ସଭ୍ୟା ଇ ଗିତାଞ୍ଜଳୀ, ଏବିଡିଓ ଅରୁଣ କୁମାର ପ୍ରଧାନ, ଏସ୍ ଗିରିଧର, ହେମନ୍ତ କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ଦାସ, ଗୌତମ କୁମାର ସାହୁ, ଉମାକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଚସ୍ପତିଙ୍କ ଭଞ୍ଜନଗର ଗସ୍ତ ଆଜି

**ଭଞ୍ଜନଗର,୧୮।୬(ଡି.ଏନ.ଏ)**

ଓଡ଼ିଶା ବିଧାନସଭାର ନବନିର୍ବାଚିତ ବାଚସ୍ପତି ବିକ୍ରମ କେଶରୀ ଆରୁଖ ରବିବାର ଓ ସୋମବାର ଦୁଇଦିନିଆ ଭଞ୍ଜନଗର ନିର୍ବାଚନମଣ୍ଡଳୀ ଗସ୍ତରେ ଆସୁଛନ୍ତି। ରବିବାର ପୂର୍ବାହ୍ନରେ କୁମ୍ପାପଡ଼ାଠାରେ ଜଗନ୍ନାଥପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତର ଜନସାଧାରଣ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା ଦେବେ । ଅପରାହ୍ନ ୨ଟାରେ ଭଞ୍ଜନଗରଠାରେ ଲୋକେ ସମ୍ବର୍ଦ୍ଧନା ଦେବେ । ଏହାପରେ ଅପରାହ୍ନ ସାଢ଼େ ୪ଟାରେ ଭଞ୍ଜନଗର ବ୍ଲକ ଓ ଏନ୍‌ଏସି ପକ୍ଷରୁ ବାଚସ୍ପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବ । ସୋମବାର ସ୍ଥାନୀୟ ବନ ବିଭାଗ ଡାକବଙ୍ଗଳାଠାରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବେ। ଏଥିସହ ଜଗନ୍ନାଥପ୍ରସାଦ ଷ୍ଟାଡ଼ିୟମ ଠାରେ ଜଗନ୍ନାଥପ୍ରସାଦ ବ୍ଲକ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି । ବାଚସ୍ପତି ନିର୍ବାଚିତ ହେବାପରେ ଏହା ବିକ୍ରମଙ୍କ ପ୍ରଥମ ଭଞ୍ଜନଗର ନିର୍ବାଚନମଣ୍ଡଳୀ ଗସ୍ତ ହୋଇଥିବା ଯୋଗୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି ।



ବିକ୍ରମ କେଶରୀ ଆରୁଖ ।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଜୁଆଡ଼ି ଗିରଫ

**ପାତ୍ରପୁର,୧୮।୬(ଡି.ଏନ.ଏ.)**

ଜରଡ଼ା ଥାନା ଇଲାକାରେ ଶନିବାର ଖାରିଆଗୁଡା ଫାଣ୍ଡି ମୁକୁନ୍ଦପୁର ଗ୍ରାମ ନିକଟରେ ଚାଲିଥିବା ବଡ ଧରଣର ଜୁଆ ଆଡ୍ଡା ଉପରେ ଫାଣ୍ଡି ପୋଲିସ ପକ୍ଷରୁ ଚଢାଉ କରାଯାଇ ୭ ଜୁଆଡ଼ିଙ୍କୁ କରାଯାଇଛି। ଖାରିଆଗୁଡା ଫାଣ୍ଡି ମୁକୁନ୍ଦପୁର ଗ୍ରାମ ନିକଟରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ଫାଣ୍ଡି ଅଧିକାରୀ ପ୍ରଫୁଲ ଚନ୍ଦ୍ର ଶତପଥୀ ଚଢାଉ କରିଥିଲେ। ଏଥିରେ ପୋଲିସ ୭ ଜଣକୁ ଧରି ୪୪.୬୦୦ଟଙ୍କା ଜବତ କରିଛି।ଏ ନେଇ ନଂ. ୨୦୦/୨୨ରେ ଏକ ମାମଲା ରୁଜୁ କରାଯାଇ ଜୁଆଡ଼ିମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପାଣି, ରାସ୍ତା ପାଇଁ ମୁନିସିଙ୍ଗିବାସୀ ହନ୍ତସନ୍ତ

**ଆର.ଉଦୟଗିରି,୧୮।୬(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ଛେଳିଗଡ଼ ପଞ୍ଚାୟତ ନିକଟସ୍ଥ ୱାର୍ଡ ନଂ ୧ ମୁନିସିଙ୍ଗି ଗ୍ରାମ ଅବହେଳିତ ହୋଇରହିଛି। ଗାଁରେ ପାନୀୟ ଜଳ ଓ ରାସ୍ତା ସୁବିଧା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ସାତସପନ ହୋଇଛି। ସିମେଣ୍ଟ କଂକ୍ରିଟ ରୋଡ ଖାଲଖମାରେ ଭର୍ତ୍ତି ହୋଇଛି। ଗାଁରେ ୪୫ରୁ ୫୦ ପରିବାର ବସବାସ କରନ୍ତି। କିନ୍ତୁ କୌଣସି ମୌଳିକ ସୁବିଧା ଠିକରେ ପାଉ ନଥିବା ଅଭିଯୋଗ ହେଉଛି। ଛେଳିଗଡ଼ ପଞ୍ଚାୟତକୁ ଯିବାକୁ ହେଲେ ୨ରୁ୩ କିଲୋମିଟର ହେବ। ବର୍ଷା ଦିନ ଆସିଲେ ପିଲାମାନେ କାଦୁଅରେ ଯା' ଆସ କରୁଥିବା ଦେଖିବାକୁ ମିଳିଛି। ଗାଁରେ ଗୋଟିଏ ନଳକୂପ ଅଛି, ସେଥିରୁ ବି ପାଣି କଳଙ୍କି ଓ ହଳଦିଆ ରଙ୍ଗର ବାହାରୁଛି। ଗାଁକୁ ଲାଗି ରହିଥିବା ପୋଖରୀ ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ସେହି ପୋଖରୀକୁ ଲୋକେ ଗାଧୋଉଥିବା ବେଳେ ପଶୁପକ୍ଷୀ ମଧ୍ୟ ଶୋଷ ମେଣ୍ଟାନ୍ତି। ସମସ୍ୟା ନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ମହିଳା ଓ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ କରାଯାଉନି। ଆଗାମୀ ଦିନରେ ସମସ୍ୟା ସମାଧାନ ନ ହେଲେ ବ୍ଲକକୁ ଯାଇ ଧାରଣା ଦେବୁ ବୋଲି ଗ୍ରାମବାସୀ କହିଛନ୍ତି।



ପାଣି ବୋହି ଆଣୁଛନ୍ତି ମହିଳା ।

## ପୋଲ ତଳୁ କ୍ଷତାକ୍ତ ଯୁବକ ଉଦ୍ଧାର

**ହିଞ୍ଜିଳିକାଟୁ,୧୮।୬(ଡି.ଏନ.ଏ.)**

ହିଞ୍ଜିଳି ଥାନା ଦୟାପଲ୍ଲୀ- ମହୁଲପଲ୍ଲୀ ମଧ୍ୟବର୍ତ୍ତୀ ରାସ୍ତା ଖାରିଆନାଳ ପୋଲ ତଳୁ କ୍ଷତାକ୍ତ ଅବସ୍ଥାରେ ଜଣେ ଯୁବକଙ୍କୁ ଶନିବାର ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ସେ ହେଲେ ଗୋପାଳପୁର ଥାନା ବାହାଦୁରପେଟା ଗାଁର ଦିଲୀପ କୁମାର ବେହେରା (୩୨) । ବିଳମ୍ବିତ ରାତିରେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ରାସ୍ତା ଛିନତାଇ ନିମନ୍ତେ ଦୁର୍ବୃତ୍ତ ଏପରି ଘଟାଇଛନ୍ତି କିମ୍ବା ରାସ୍ତା ଦୁର୍ଘଟଣାରୁ ଏପରି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଆହତ ଯୁବକଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି ।

# ଡ୍ରେନ୍ ନିର୍ମାଣ ନିମ୍ନମାନର ଅଭିଯୋଗ



ନିର୍ବାହୀ ଅଧିକାରୀଙ୍କୁ ଜଣାଉଛନ୍ତି ।

**ଛତ୍ରପୁର,୧୮।୬(ଡି.ଏନ.ଏ.)**

ଛତ୍ରପୁର ଏନ୍‌ଏସି ଅଧୀନ ୩ ନଂ. ୱାର୍ଡର ଡିଆରଡିଏ ପିଡି ବଙ୍ଗଳାଠାରୁ ବ୍ରାହ୍ମଣ ବନ୍ଧ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି । ଦୀର୍ଘ ଦିନର ଦାବି ପୂରଣ ହେଉଥିବାରୁ ସ୍ଥାନୀୟ ୱାର୍ଡ ବାସିନ୍ଦା ଏହାକୁ ସ୍ୱାଗତ କରିଥିଲେ । ଏହି ଡ୍ରେନ୍ ନିର୍ମାଣ ବେଳେ ଏନ୍‌ଏସିର କୌଣସି ଯନ୍ତ୍ରୀ ଉପସ୍ଥିତ ନଥିବାରୁ ଏହା ନିମ୍ନମାନର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ଶନିବାର ୩ ୱାର୍ଡରେ କାଉନସିଲର ମାମା ସେଠୀ, ଜଲାଲ ଖାନ୍, ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ୱାର୍ଡ ବାସିନ୍ଦା ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଷବାବୁଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ଅନୁଧ୍ୟାନ ପାଇଁ ଉଚ୍ଚସ୍ତରୀୟ ଟିମ୍ ପଠାଇବାକୁ ଅନୁରୋଧ କରାଯାଇଛି । ଅନୁଧ୍ୟାନ କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ କହିଥିବା ୱାର୍ଡବାସୀ ସୂଚନା ଦେଇଛନ୍ତି।

